# ବଶିଷ୍ଠ ଓ ବିଶ୍ୱାମିତ୍ର

IKPYI3

● ଅନନ୍ତ ପଟ୍ଟନାୟକ

**କବି ପରିଚୟ :**

କବି ଅନନ୍ତ ପଟ୍ଟନାୟକ (୧୯୧୨-୧୯୮୭) ଓଡ଼ିଆ ସାହିତ୍ୟରେ ପ୍ରଗତିଶୀଳ ଚିନ୍ତାଧାରାର ଜଣେ ବିଶିଷ୍ଟ ପ୍ରବକ୍ତା । 'ରକ୍ତଶିଖା', 'ଶାନ୍ତିଶିଖା', 'ତର୍ପଣ କରେ ଆଜି', 'ଅଲୋଡ଼ାଲୋଡ଼ା', 'ଛାଇର ଛିଟା' ପ୍ରଭୃତି କବିତାଗ୍ରନ୍ଥ କବିଙ୍କ ମହାନ୍ ସ୍ରଷ୍ଟାପଣର ଏକଏକ ପରିପ୍ରକାଶ । ତାଙ୍କର କବି-ଦୃଷ୍ଟି ଅଧିକ ସମାଜ ସଚେତନ । ଶ୍ରେଣୀହୀନ ସମାଜ ପ୍ରତିଷ୍ଠା, ଅଶିକ୍ଷା, ଧର୍ମାନ୍ଧତା, ଅନ୍ଧବିଶ୍ୱାସ ଆଦିର ଦୂରୀକରଣ ଓ ଅତ୍ୟାଚାର ବିରୋଧରେ ସ୍ୱରଉତ୍ତୋଳନ ତାଙ୍କ ସାହିତ୍ୟର ମୁଖ୍ୟସ୍ୱର । କବିଙ୍କ ଅଧିକାଂଶ କବିତାରେ ନୂତନ ଯୁଗ ଓ ସମାଜ ପାଇଁ ଦାୟବଦ୍ଧ ଆହ୍ୱାନ ଦେଖିବାକୁ ମିଳେ ।

ଏହି କବିତାଟି ଏକ ପୌରାଣିକ ଆଖ୍ୟାୟିକା ଉପରେ ଆଧାରିତ । ଏହି କବିତାରେ ହିଂସା, କ୍ରୋଧ, ଅସହିଷ୍ଣୁତା ଉପରେ ସଦ୍‌ଭାବ, ପ୍ରେମ ଓ କ୍ଷମାର ବିଜୟ ଘୋଷଣା କରାଯାଇଛି । ପାରସ୍ପରିକ ବୁଝାମଣା ଓ ସଂପ୍ରୀତି, ବ୍ୟକ୍ତିବ୍ୟକ୍ତି ମଧ୍ୟରେ ନିବିଡ଼ ସମ୍ବନ୍ଧ ସ୍ଥାପନ ଏହି କବିତାର ଅନ୍ତର୍ନିହିତ ବାର୍ତ୍ତା ।

COMPETITIVE BOOKS
Odisha Board and NCERT
All Books With Solutions
OBS

ଶ୍ରାବଣର ବର୍ଷା ପଡ଼େ ଝରି
ଆଶ୍ରମର ତରୁ ତୃଣ ପରେ,
ଇଙ୍ଗୁଦୀର ଦୀପ ଉଠେ ଥରି
ମହର୍ଷିର ତିମିରିତ ଘରେ ।
ମୃଦୁ ଭାଷେ ସୂଚାଇଲେ ଆସି
ଋଷିପତ୍ନୀ ସତୀ ଅରୁନ୍ଧତୀ,
"ରନ୍ଧନ ଯେ କରିବି କିପରି
ଲବଣ ତ ନାହିଁ ମହାମତି ?"

ଉତ୍ତରିଲେ ମହର୍ଷି ବଶିଷ୍ଠ
ପ୍ରଶାନ୍ତିର ମଧୁମୟ ସୁରେ,
"ମାଗିଆଣ କିଞ୍ଚିତ ଲବଣ
ପାଶେ ଯାଇ ବିଶ୍ୱାମିତ୍ର ଘରେ ।"
ରୋଷେ ଦେବୀ ସ୍ଫୁରିତ ଅଧରେ
ଜଣାଇଲେ, "କାହିଁ ଯିବି କାହିଁ ?
ଗୋଟିଗୋଟି ପୁତ୍ରଗଣ
ହତ୍ୟା କଲା ଯେଉଁ ଆତତାୟୀ !

ଜନନୀ ମୁଁ ଶୋକାତୁରା
ତା' ଆଶ୍ରମେ ଯିବି କେଉଁପରି ?
ଅଦ୍ଭୁତ ଏ ଆଦେଶ ମହର୍ଷି,
ଭାଗ୍ୟର ଏ ଉପହାସ ପରି ।"

"ଭାଗ୍ୟର ଏ ନୁହେଁ ଉପହାସ
ତା'ର ଧର୍ମେ କଲ୍ୟାଣ ମୁଁ ଚାହେଁ,
ମୋ ଆଖିରେ ନୁହେଁ ଆତତାୟୀ
ଭଲ ପାଏ, ତାକୁ ଭଲ ପାଏ ।"

"ଭଲ ପାଅ, ଭଲ ପାଅ ଯଦି
ଡାକିଥିଲେ ମହର୍ଷି ତାହାରେ,
ଜୀବନ ଏ ରକ୍ତେ ଅରୁଣିତ
ନୋହିଥାନ୍ତା ଆର୍ତ୍ତ ହାହାକାରେ ।"

"ମହର୍ଷି ମୁଁ ଡାକି ନାହିଁ ତାକୁ
ପ୍ରାଣେପ୍ରାଣେ ଭଲ ପାଏ ବୋଲି ।"
ଜଣାଇଲେ ସଧୀରେ ବଶିଷ୍ଠ
ଶ୍ମଶ୍ରୁ ତଳୁ ସ୍ମିତ ରେଖା ତୋଳି ।

ପ୍ରଥମ ରୁ ଦ୍ୱାଦଶ COMPETITIVE BOOKS ଓଡ଼ିଶା Board and NCERT All Books With Solutions OBS

"ଭଲ ପାଏ, ଭଲ ପାଏ ଯେଣୁ"
ମହର୍ଷିର ମୁଖେ ଥାଉଁ ବାଣୀ,
ବାତ୍ୟା ନିକି ଶାଳବୃକ୍ଷ କାହୁଁ
ପଦପ୍ରାନ୍ତେ ପିଟିଦେଲା ଆଣି ।

ଅରୁନ୍ଧତୀ ପଡ଼ିଲେ ଚମକି
ନୀଡ଼େ ପକ୍ଷୀ ଉଠିଲେ ଚିତ୍କାରି,
ଇଙ୍ଗୁଦୀର ତୈଳଦୀପ ଶିଖା
ଅନ୍ଧକାର ନାଶିଲା ଫୁତ୍କାରି ।
କାହୁଁ ଏକ କୃତାନ୍ତ କୃପାଣ
ଲୋଟିଗଲା କୁଟୀର ଚତ୍ୱରେ,
ସ୍ପର୍ଶ କରି ମହର୍ଷିର ପଦ
ବିଶ୍ୱାମିତ୍ର ଅଶ୍ରୁ ଉତ୍ତରଲେ ।

ନିର୍ଝରର ରୁଦ୍ଧ ଘୋଷ ସମ
ଜଣାଇଲେ ଆବେଗ ଉଚ୍ଛ୍ୱାସ,
"କ୍ଷମାକର, କ୍ଷମାକର ମୋତେ
ନାଶ ମୋର ପାଶବ-ପ୍ରୟାସ ।

ଭଲ ପାଅ, ଭଲ ପାଅ ତୁମେ
ଭଲ ପାଅ ପୁତ୍ର ତହୁଁ ବଳି,
ନୁହଁ ତ ଏ ରତ ପରିହାସ
ଝିଙ୍ଗାସି ତ କହୁ ନାହଁ ଛଳି ?

ଶାଣିତ ଏ କରବାଳ କରେ
ଜାଣି ମୁଁ ଯେ ଆସିଥିଲି ଆଜି,
ଛିନ୍ନ କରି ମସ୍ତକ ତୁମର
ରଖିବାକୁ ଜୀବନର ବାଜି ।"

ପ୍ରଥମରୁ ଦ୍ୱାଦଶ
COMPETITIVE BOOKS
ଓଡ଼ିଶା Board and NCERT
All Books With Solutions
OBS

ବିଶ୍ୱାମିତ୍ରେ ଟେକି ଭୂମିତଳୁ
ସତେ ଅବା ଅମୃତ ବରଷି,
ସ୍ନେହଭରେ କହିଲେ ବଶିଷ୍ଠ,
"ଉଠ ଏବେ ଉଠ ହେ ମହର୍ଷି ।"

ଅରୁନ୍ଧତୀ ନେତ୍ରୁ ଅଜାଣତେ
ଶ୍ରାବଣର ବର୍ଷା ଗଲା ଝରି,
"ମହୀୟାନ୍ ଦେବତାରେ ଭଲା
ଜାଣିଥାନ୍ତି ମୁହିଁ କେଉଁପରି !"

ପ୍ରଥମ ରୁ ଦ୍ୱାଦଶ
COMPETITIVE BOOKS
ଓଡ଼ିଶା Board and NCERT
All Books With Solutions
OBS

**ସୂଚନା :**

ଇଙ୍ଗୁଦୀ - ଏକପ୍ରକାର ଗଛ, ଏହି ଗଛର ଫଳରୁ ତେଲ ବାହାର କରାଯାଏ ।
ଏହାର ତୈଳ ମୁନିମାନେ ଜଟାରେ ବ୍ୟବହାର କରୁଥିବାରୁ ଏହାକୁ ତାପସତରୁ ମଧ୍ୟ କୁହାଯାଏ ।

କୃତାନ୍ତ - ଯମ

କୃପାଣ - ଖଡ୍‌ଗ

ଚତ୍ୱର - ଅଗଣା, ଚଉତରା

ଋତ - ସତ୍ୟ

ଝିଙ୍ଗାସି - ଭର୍ତ୍ସନା କରି, ଧିକ୍କାର କରି

ଉତ୍ତରଳ - (ଉତ୍-ତରଳ) ଅତି ଚଞ୍ଚଳ

ଆବେଗ - ହୃଦୟର ଭାବ

ଉଚ୍ଛ୍ୱାସ - (ଉତ୍-ଶ୍ୱସ୍-ଅ) ଶୋକହେତୁ ଦୀର୍ଘଶ୍ୱାସ

ପାଶବ-ପ୍ରୟାସ - ପଶୁତୁଲ୍ୟ ଚେଷ୍ଟା (ବିନା ବିଚାରରେ କରୁଥିବା କାର୍ଯ୍ୟ)

ଆତତାୟୀ - ଆକସ୍ମିକ ଆକ୍ରମଣକାରୀ, ହତ୍ୟା କରିବାକୁ ଉଦ୍ୟମ କରୁଥିବା ବ୍ୟକ୍ତି, ହତ୍ୟାକାରୀ

### ଆସ, ଜାଣିବା କେତୋଟି ନୂତନ ଶବ୍ଦ

| |
|---|
| ତୃଣ, ତିମିରିତ, ମହାମତି, ଉତ୍ତରିଲେ, ପ୍ରଶାନ୍ତି, ରୋଷ, |
| ସ୍ଫୁରିତ, ଅରୁଣିତ, ଆର୍ଦ୍ର, ଶ୍ମଶ୍ରୁ, ନିକି, ଶାଣିତ |

## ଅଭ୍ୟାସକାର୍ଯ୍ୟ

**(୧) ଆସ, କଥାବାର୍ତ୍ତା ହେବା ।**

(କ) ଏହି କବିତାରେ ବର୍ଣ୍ଣିତ ଘଟଣାଟି କେଉଁଠାରେ ଘଟିଥିଲା ?

(ଖ) ଅରୁନ୍ଧତୀ କାହାକୁ ଲକ୍ଷ୍ୟ କରି 'ଆତତାୟୀ' ବୋଲି କହିଛନ୍ତି ?

(ଗ) ବଶିଷ୍ଠ ଓ ଅରୁନ୍ଧତୀ କଥାବାର୍ତ୍ତା ହେଉଥିବା ବେଳେ କି ଘଟଣା ଘଟିଲା ?

(ଘ) ଅନୁତୃପ୍ତ ବିଶ୍ୱାମିତ୍ରଙ୍କୁ ଆଲିଙ୍ଗନ କରି ବଶିଷ୍ଠ କ'ଣ କହିଲେ ?

(ଙ) ବଶିଷ୍ଠଙ୍କୁ ଅରୁନ୍ଧତୀ 'ମହୀୟାନ ଦେବତା' ବୋଲି କହିବାର କାରଣ କ'ଣ ?

(ଚ) 'ନାଶ ମୋର ପାଶବ-ପ୍ରୟାସ' - ଏ କଥା କିଏ କାହାକୁ କହିଥିଲେ ?

(ଛ) କେଉଁ କଥାଟିକୁ ଏଠାରେ ପାଶବ-ପ୍ରୟାସ ବୋଲି କୁହାଯାଇଛି ?

**(୨) ଆସ, ଦୁଇଟି ବା ତିନୋଟି ବାକ୍ୟରେ ଉତ୍ତର ଲେଖିବା ।**

(କ) ବିଶ୍ୱାମିତ୍ରଙ୍କୁ 'ଆତତାୟୀ' ବୋଲି କହିବାର କାରଣ କ'ଣ ?

(ଖ) ବଶିଷ୍ଠ ବିଶ୍ୱାମିତ୍ରଙ୍କୁ 'ମହର୍ଷି' ବୋଲି କାହିଁକି ସମ୍ବୋଧନ କରି ନଥିଲେ ?

(ଗ) ଅରୁନ୍ଧତୀ ଚମକି ପଡ଼ିବାର କାରଣ କ'ଣ ?

(ଘ) ବିଶ୍ୱାମିତ୍ରଙ୍କ ମନରେ ଅନୁତାପ ଜାତ ହେଲା କାହିଁକି ?

(ଙ) ବଶିଷ୍ଠଙ୍କ କଥାକୁ ବିଶ୍ୱାମିତ୍ର ପରିହାସ ବୋଲି ଭାବିଲେ କାହିଁକି ?

(ଚ) ଶେଷରେ ବଶିଷ୍ଠ ବିଶ୍ୱାମିତ୍ରଙ୍କୁ 'ମହର୍ଷି' ବୋଲି ସମ୍ବୋଧନ କଲେ କାହିଁକି ?

(ଛ) ବିଶ୍ୱାମିତ୍ରଙ୍କ ଘରକୁ ଲୁଣ ମାଗିଯିବାକୁ ଅରୁନ୍ଧତୀ ଆପତ୍ତି କରିଥିଲେ କାହିଁକି ?

(ଜ) ବଶିଷ୍ଠଙ୍କ ଆଗରେ କିଛି କହିବାବେଳେ ବିଶ୍ୱାମିତ୍ରଙ୍କ ଆଖିରୁ ଲୁହ ଝରିଯାଉଥିଲା କାହିଁକି ?

**(୩) ସରଳଭାଷାରେ ବୁଝାଇ ଲେଖିବା ।**

(କ) "ମୋ ଆଖିରେ ନୁହେଁ ଆତତାୟୀ
ଭଲପାଏ, ତାକୁ ଭଲପାଏ" ।

(ଖ) "ମହୀୟାନ୍ ଦେବତାରେ ଭଲା
ଜାଣିଥାନ୍ତି ମୁହିଁ କେଉଁ ପରି" ।

(ଗ) "କ୍ଷମାକରେ, କ୍ଷମାକର ମୋତେ
ନାଶ ମୋର ପାଶବ-ପ୍ରୟାସ" ।

**(୪) ଆସ, ୧୦୦ରୁ ୧୨୦ ଶବ୍ଦ ମଧ୍ୟରେ ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖିବା ।**

(କ) ପଠିତ କବିତାକୁ ଆଧାର କରି ବଶିଷ୍ଠଙ୍କ ଚରିତ୍ରର ମହନୀୟତା ବର୍ଣ୍ଣନା କର ।

(ଖ) ବିଶ୍ୱାମିତ୍ରଙ୍କୁ 'ମହର୍ଷି' ସମ୍ବୋଧନ କରିବାପାଇଁ ବଶିଷ୍ଠ ଏତେ ବିଳମ୍ବ କଲେ କାହିଁକି ?

**(୫) ଅସଂପୃକ୍ତ ଶବ୍ଦଟିକୁ ବାଛି ପାଖ କୋଠରିରେ ରଖିବା ।**

(କ) ମାଧବ, କେଶବ, ବାସବ, ପାଶବ [redacted]

(ଖ) ଉତ୍ତରିଲେ, ସଞ୍ଚରିଲେ, ପଚାରିଲେ, ଉଚ୍ଚାରିଲେ [redacted]

(ଗ) ମହାମତି, ମହାଭୀତ, ମହାସତୀ, ମହାୟତି [redacted]

**(୬) ନିମ୍ନରେ ଦିଆଯାଇଥିବା ଅସଜଡ଼ା ଶବ୍ଦଗୁଡ଼ିକୁ ଠିକ୍ ଭାବରେ ଲେଖିବା ।**

(କ) ଦେବତାରେ ଭଲା ମହୀୟାନ କେଉଁ ପରି ମୁହିଁ ଜାଣିଥାନ୍ତି ।

(ଖ) ବିଶ୍ୱମିତ୍ର ଯାଇ ପାଶେ କିଞ୍ଚିତ ଲବଣ ମାଗିଆଣ ଘରେ ।

(ଗ) କରବାଳ କରେ ଏ ଶାଣିତ ଜାଣି ମୁଁ ଆଜି ଆସିଥିଲି ଯେ ।

**(୭) ଯେପରି ଉତ୍ + ତରଳ = ଉତ୍ତରଳ ହେଉଛି, ସେହିପରି 'ଉତ୍' ପୂର୍ବରେ ବ୍ୟବହାର କରି ଆଉ ଦୁଇଟି ଶବ୍ଦ ଲେଖିବା ।**

**ଉ:** ______________________________

______________________________

COMPETITIVE BOOKS Board and NCERT All Books With Solutions

**(୮) ‘ଅରୁନ୍ଧତୀ ନେତ୍ରୁ ଅଜାଣତେ ଶ୍ରାବଣର ବର୍ଷା ଗଲା ଝରି’ - ଏହି ପଂକ୍ତିରେ ଶ୍ରାବଣର ବର୍ଷା କେଉଁ ଭାବକୁ ସୂଚାଉଛି, ତାହା ନିମ୍ନରୁ ବାଛି ଲେଖିବା ।**

(କ) ଅରୁନ୍ଧତୀଙ୍କ ଆନନ୍ଦ　　(ଗ) ଅରୁନ୍ଧତୀଙ୍କ ଦୁଃଖ

(ଗ) ଅରୁନ୍ଧତୀଙ୍କ ଅନୁତାପ　　(ଘ) ଶ୍ରାବଣ ମାସର ବର୍ଷା

**(୯) ଆସ, ନିମ୍ନରେ ଦିଆଯାଇଥିବା ପଦଗୁଡ଼ିକୁ ଗଦ୍ୟରେ ଲେଖିବା ।**

(କ) ନିର୍ଝରର ରୁଦ୍ଧ ଘୋଷ ସମ ଜଣାଇଲେ ଆବେଗ ଉଚ୍ଛ୍ୱାସ ।

(ଖ) ଅଦ୍ଭୁତ ଏ ଆଦେଶ ମହର୍ଷି, ଭାଗ୍ୟର ଏ ଉପହାସ ପରି ।

(ଗ) ବାତ୍ୟା ନିକି ଶାଳବୃକ୍ଷ କାହୁଁ ପଦପ୍ରାନ୍ତେ ପିଟିଦେଲା ଆଣି ।

(ଘ) ନୁହଁ ତ ଏ ଋତୁ ପରିହାସ ଝିଙ୍ଗାସି ତ କହୁ ନାହିଁ ଛଳି ?

**(୧୦) ‘ପାଶବ - ପ୍ରୟାସ’ କହିଲେ କେଉଁ ଅର୍ଥକୁ ବୁଝାଏ, ତାହା ତଳେ ଥିବା ଉତ୍ତରରୁ ବାଛି ଲେଖିବା ।**

(କ) ଜୀବନରୁ ମାରିଦେବା　　(ଖ) ଖଣ୍ଡାରେ ହାଣିବା

(ଗ) ହତ୍ୟା କରିବା　　(ଘ) ପଶୁତୁଲ୍ୟ ଚେଷ୍ଟା

**(୧୧) ‘କ’ ସ୍ତମ୍ଭ ସହିତ ‘ଖ’ ସ୍ତମ୍ଭରେ ଥିବା ଯେଉଁ ଶବ୍ଦର ଉପଯୁକ୍ତ ସଂପର୍କ ରହିଛି ତାକୁ ଯୋଡ଼ିବା ।**

| ‘କ’ | ‘ଖ’ |
|---|---|
| ମଧୁମୟ | ଅଧର |
| ତିମିରିତ | ଜନନୀ |
| ସ୍ଫୁରିତ | ପ୍ରୟାସ |
| ଶୋକାତୁରା | ଲବଣ |
| ଉତ୍ତରଳ | ଅଶ୍ରୁ |
| ପାଶବ | ଘର |
| | ସୁର |

**(୧୨) କ୍ଷମାର ମହତ୍ତ୍ୱ ସଂପର୍କରେ ବର୍ଣ୍ଣନା କରି ଗୋଟିଏ ଛୋଟ ଅନୁଚ୍ଛେଦ ଲେଖିବା ।**

**(୧୩) ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକର ଅର୍ଥକୁ ପାଖ କୋଠରିରୁ ଖୋଜି ସେହି ଶବ୍ଦ ପାଖରେ ଲେଖିବା ।**

| | |
|---|---|
| ଆବେଗ | ଝିଙ୍ଗାସି |
| ରତ | ଉତ୍ତରଳ |
| କୃପାଣ | ଚତ୍ୱର |

[redacted]

**(୧୪) ଠିକ୍ ଉକ୍ତି ପାଖରେ '√' ଚିହ୍ନ ଓ ଭୁଲ୍ ଉକ୍ତି ପାଖରେ 'X' ଚିହ୍ନ ଦେବା ।**

(କ) ଅନ୍ଧାର ଯୋଗୁଁ ଅରୁନ୍ଧତୀଙ୍କୁ ରନ୍ଧନ କରିବାରେ ଅସୁବିଧା ହେଉଥିଲା । [redacted]

(ଖ) ବଶିଷ୍ଠଙ୍କ ମହାନତା ଦେଖି ବିଶ୍ୱାମିତ୍ର ଅନୁତାପ କରିଥିଲେ । [redacted]

(ଗ) ବିଶ୍ୱାମିତ୍ରଙ୍କ ଆଶ୍ରମକୁ ଯିବାଲାଗି ଅରୁନ୍ଧତୀଙ୍କର ଇଚ୍ଛା ନଥିଲା । [redacted]

(ଘ) ବଶିଷ୍ଠଙ୍କ ଆଶ୍ରମରେ ବିଶ୍ୱମିତ୍ର ନିଆଁ ଲଗାଇ ଦେଇଥିଲେ । [redacted]

**(୧୫) ନିମ୍ନଲିଖିତ କବିତାଂଶଟିକୁ ମନେ ପକାଇ ପୂରଣ କରିବା ଓ ତାକୁ ଆବୃତ୍ତି କରିବା ।**

(କ) ଜୀବନ ଏ ରକ୍ତେ ଅରୁଣିତ

________________ ।।

(ଖ) ________________

ଋଷିପତ୍ନୀ ସତୀ ଅରୁନ୍ଧତୀ ।।

(ଗ) ଗୋଟି ଗୋଟି ପୁତ୍ରଗଣ

________________

COMPETITIVE BOOKS
ଓଡ଼ିଶା Board and NCERT
All Books With Solutions
OBS

**ତୁମପାଇଁ କାମ :**

୧. ତୁମେ ତୁମ ସାଙ୍ଗ ନିକଟରେ ଏକ ଭୁଲ କରି ଦେଲ । ସେଥିପାଇଁ ଅନୁତାପ କରୁଛ ବୋଲି ଜଣାଇ ସାଙ୍ଗ ନିକଟକୁ ଏକ ପତ୍ର ଲେଖ ।

୨. ଅନନ୍ତ ପଟ୍ଟନାୟକଙ୍କ ଫଟୋ ସଂଗ୍ରହକରି ଶ୍ରେଣୀଗୃହରେ ଟାଙ୍ଗିବା ।

୩. କବି ଅନନ୍ତ ପଟ୍ଟନାୟକଙ୍କ ଅନ୍ୟାନ୍ୟ କାବ୍ୟ କବିତା ସଂଗ୍ରହ କରି ପଢ଼ିବା ।

୪. ପୁରାଣବର୍ଣ୍ଣିତ ଅନ୍ୟାନ୍ୟ ଶିକ୍ଷଣୀୟ ଆଖ୍ୟାୟିକାଗୁଡ଼ିକୁ ସଂଗ୍ରହ କରି ଶ୍ରେଣୀରେ ପାଠକରିବା ।

***

# ପାଠ୍ୟପୁସ୍ତକସ୍ଥ ଅଭ୍ୟାସ କାର୍ଯ୍ୟର ଉତ୍ତର

୧। **ଆସ, କଥାବାର୍ତ୍ତା ହେବା ।**

**(କ) ଏହି କବିତାରେ ବର୍ଣ୍ଣିତ ଘଟଣାଟି କେଉଁଠାରେ ଘଟିଥିଲା ?**

ଉ– ଏହି କବିତାରେ ବର୍ଣ୍ଣିତ ଘଟଣାଟି ତାପସ ବଶିଷ୍ଠଙ୍କ ଆଶ୍ରମରେ ଘଟିଥିଲା ।

**(ଖ) ଅରୁନ୍ଧତୀ କାହାକୁ ଲକ୍ଷ୍ୟକରି 'ଆତତାୟୀ' ବୋଲି କହିଛନ୍ତି ?**

ଉ– ଅରୁନ୍ଧତୀ ବିଶ୍ୱାମିତ୍ରଙ୍କୁ ଲକ୍ଷ୍ୟକରି 'ଆତତାୟୀ' ବୋଲି କହିଛନ୍ତି ।

**(ଗ) ବଶିଷ୍ଠ ଓ ଅରୁନ୍ଧତୀ କଥାବାର୍ତ୍ତା ହେଉଥିବା ବେଳେ କି ଘଟଣା ଘଟିଲା ?**

ଉ– ବଶିଷ୍ଠ ଓ ଅରୁନ୍ଧତୀ କଥାବାର୍ତ୍ତା ହେଉଥିବା ବେଳେ ହଠାତ୍ ବିଶ୍ୱାମିତ୍ର ବାତ୍ୟାରେ ଉପୁଡ଼ି ପଡ଼ିଥିବା ଶାଳଗଛ ପରି ବଶିଷ୍ଠଙ୍କ ପାଦ ଉପରେ କଚାଡ଼ି ହୋଇ ପଡ଼ିଲେ । ସେ କରିଥିବା ପାଶବ ପ୍ରୟାସ ପାଇଁ କ୍ଷମା କରିଦେବାକୁ କହିଲେ ।

**(ଘ) ଅନୁତପ୍ତ ବିଶ୍ୱାମିତ୍ରଙ୍କୁ ଆଲିଙ୍ଗନ କରି ବଶିଷ୍ଠ କ'ଣ କହିଲେ ?**

ଉ– ଅନୁତପ୍ତ ବିଶ୍ୱାମିତ୍ରଙ୍କୁ ଆଲିଙ୍ଗନ କରି ବଶିଷ୍ଠ *'ଉଠ ଏବେ ଉଠ ହେ ମହର୍ଷି'* ବୋଲି କହିଲେ ।

**(ଙ) ବଶିଷ୍ଠଙ୍କୁ ଅରୁନ୍ଧତୀ 'ମହୀୟାନ୍ ଦେବତା' ବୋଲି କହିବାର କାରଣ କ'ଣ ?**

ଉ– ବଶିଷ୍ଠଙ୍କୁ ଅରୁନ୍ଧତୀ 'ମହୀୟାନ୍ ଦେବତା' ବୋଲି କହିଲେ; କାରଣ ଯେତେ ଅପରାଧ କରିଥିଲେ ମଧ୍ୟ ବଶିଷ୍ଠ ବିଶ୍ୱାମିତ୍ରଙ୍କୁ କ୍ଷମା କରିଦେଇଥିଲେ ।

COMPETITIVE BOOKS ଓଡ଼ିଶା Board and NCERT OBS

(ଚ) ''ନାଶ ମୋର ପାଶବ-ପ୍ରୟାସ''– କିଏ କାହାକୁ କହିଥିଲେ ?

ଉ– ''ନାଶ ମୋର ପାଶବ-ପ୍ରୟାସ'' – ଏକଥା ବିଶ୍ୱାମିତ୍ର ବଶିଷ୍ଠଙ୍କୁ କହିଥିଲେ ।

(ଛ) କେଉଁ କଥାକୁ ଏଠାରେ ପାଶବ-ପ୍ରୟାସ ବୋଲି କୁହାଯାଇଛି ?

ଉ– ପଶୁ ଯେପରି ବିନା ବିଚାରରେ ଅନ୍ୟକୁ ଆକ୍ରମଣ କରିଥାଏ, ଠିକ୍ ସେହିପରି ବିଶ୍ୱାମିତ୍ର, ବଶିଷ୍ଠଙ୍କ ପୁତ୍ରକୁ ମାରିବା ପରେ, ତାଙ୍କୁ ମଧ୍ୟ ମାରିବାର ଚେଷ୍ଟା କରିଥିବାରୁ ଏଠାରେ ପାଶବ-ପ୍ରୟାସ ବୋଲି କୁହାଯାଇଛି ।

୨ । ଆସ, ଦୁଇ ବା ତିନୋଟି ବାକ୍ୟରେ ତଳ ପ୍ରଶ୍ନର ଉତ୍ତର ଲେଖିବା ।

(କ) ବିଶ୍ୱାମିତ୍ରଙ୍କୁ 'ଆତତାୟୀ' ବୋଲି କହିବାର କାରଣ କ'ଣ ?

ଉ– ବିଶ୍ୱାମିତ୍ର ବଶିଷ୍ଠଙ୍କର ପୁତ୍ରମାନଙ୍କୁ ଗୋଟି ଗୋଟି କରି ହତ୍ୟା କରିଥିବାରୁ ତାଙ୍କୁ ବଶିଷ୍ଠଙ୍କ ପତ୍ନୀ ଅରୁନ୍ଧତୀ ଆତତାୟୀ ବୋଲି କହିଛନ୍ତି ।

(ଖ) ବଶିଷ୍ଠ ବିଶ୍ୱାମିତ୍ରଙ୍କୁ 'ମହର୍ଷି' ବୋଲି ସମ୍ବୋଧନ କରିନଥିଲେ କାହିଁକି ?

ଉ– ବଶିଷ୍ଠ ବିଶ୍ୱାମିତ୍ରଙ୍କୁ 'ମହର୍ଷି' ବୋଲି ସମ୍ବୋଧନ କରିନଥିଲେ; କାରଣ ବିଶ୍ୱାମିତ୍ରଙ୍କ ଅନ୍ତର ମଧ୍ୟରେ ହିଂସା, ଦ୍ୱେଷ ଆଦି କୁପ୍ରବୃତ୍ତି ଥିଲା । ଯାହା ମନରେ ହିଂସା ଓ ଅହଂକାର ରହିଥାଏ, ସେ କେବେହେଲେ ମହର୍ଷି ପଦବାଚ୍ୟ ହୋଇ ନଥାଏ ।

(ଗ) ଅରୁନ୍ଧତୀ ଚମକି ପଡ଼ିବାର କାରଣ କ'ଣ ?

ଉ– ଅଚାନକଭାବେ ଭୀଷଣ ଶବ୍ଦ କରି ବିଶ୍ୱାମିତ୍ରଙ୍କ ହାତରୁ ଖଡ୍‌ଗ ତଳେ ପଡ଼ିଯିବାର ଶବ୍ଦ ଶୁଣି ଓ ବିଶ୍ୱାମିତ୍ର ବଶିଷ୍ଠଙ୍କ ପାଦତଳେ କଚାଡ଼ି ହୋଇ ପଡ଼ିବା ଦେଖି ଅରୁନ୍ଧତୀ ଚମକି ପଡ଼ିଲେ ।

(ଘ) ବିଶ୍ୱାମିତ୍ରଙ୍କ ମନରେ ଅନୁତାପ ଜାତ ହେଲା କାହିଁକି ?

ଉ– ବିଶ୍ୱାମିତ୍ର ବଶିଷ୍ଠଙ୍କ ପୁତ୍ରମାନଙ୍କୁ ଗୋଟି ଗୋଟି ହତ୍ୟା କରିଥିଲେ ମଧ୍ୟ ବଶିଷ୍ଠ ନିଜର ପୁତ୍ରହନ୍ତା ବିଶ୍ୱାମିତ୍ରଙ୍କୁ ଅନ୍ତରରେ ଭଲ ପାଉଥିଲେ । ବଶିଷ୍ଠଙ୍କର ମହାନୁଭବତା ଅନୁଭବ କରି ବିଶ୍ୱାମିତ୍ରଙ୍କ ମନରେ ଅନୁତାପ ଜାତ ହୋଇଥିଲା ।

(ଙ) ବଶିଷ୍ଠଙ୍କ କଥାକୁ ବିଶ୍ୱାମିତ୍ର ରତ-ପରିହାସ ବୋଲି ଭାବିଲେ କାହିଁକି ?

ଉ– ବଶିଷ୍ଠଙ୍କ କଥାକୁ ବିଶ୍ୱାମିତ୍ର ରତ-ପରିହାସ ବୋଲି ଭାବିଲେ; କାରଣ ତାଙ୍କ ପରି ଜଣେ ପୁତ୍ରହନ୍ତାକୁ ପୁତ୍ରଶୋକାତୁର ପିତା କେବେହେଲେ ଭଲପାଇବା ସମ୍ଭବପର ନୁହେଁ ।

(ଚ) ଶେଷରେ ବଶିଷ୍ଠ ବିଶ୍ୱାମିତ୍ରଙ୍କୁ 'ମହର୍ଷି' ବୋଲି ସମ୍ବୋଧନ କଲେ କାହିଁକି ?

ଉ– ଶେଷରେ ବଶିଷ୍ଠ ବିଶ୍ୱାମିତ୍ରଙ୍କୁ 'ମହର୍ଷି' ବୋଲି ସମ୍ବୋଧନ କଲେ; କାରଣ ସେତେବେଳକୁ ଅନୁତାପାନଳରେ ଦଗ୍ଧ ହୋଇଥିବା ବିଶ୍ୱାମିତ୍ରଙ୍କ ମନରୁ ଈର୍ଷାପ୍ରଣୋଦିତ ମନୋଭାବ ଦୂର ହୋଇଯାଇଥିଲା ।

(ଛ) ବିଶ୍ୱାମିତ୍ରଙ୍କ ଘରକୁ ଲୁଣ ମାଗିଯିବାକୁ ଅରୁନ୍ଧତୀ ଆପତ୍ତି କରିଥିଲେ କାହିଁକି ?

ଉ– ବିଶ୍ୱାମିତ୍ର ହିଂସ୍ର ଆଚରଣ କରି ଅରୁନ୍ଧତୀଙ୍କ ପୁଅମାନଙ୍କୁ ଗୋଟି ଗୋଟି କରି ହତ୍ୟା କରିଥିବାରୁ ଜଣେ ପୁତ୍ରହନ୍ତା ଆତତାୟୀର ଘରକୁ ଅରୁନ୍ଧତୀ ଲୁଣ ମାଗିଯିବାକୁ ଆପତ୍ତି କରିଥିଲେ ।

(ଜ) ବଶିଷ୍ଠଙ୍କ ଆଗରେ କିଛି କହିବାବେଳେ ବିଶ୍ୱାମିତ୍ରଙ୍କ ଆଖିରୁ ଲୁହ ଝରିଯାଉଥିଲା କାହିଁକି ?

ଉ– ବିଶ୍ୱାମିତ୍ର ହିଂସାର ବଶବର୍ତ୍ତୀ ହୋଇ ବଶିଷ୍ଠଙ୍କର ପୁତ୍ରମାନଙ୍କୁ ହତ୍ୟା କରିଥିଲେ ମଧ୍ୟ ବଶିଷ୍ଠ ଅରୁନ୍ଧତୀଙ୍କ ଆଗରେ ସେ ବିଶ୍ୱାମିତ୍ରଙ୍କୁ ଖୁବ୍ ଭଲପାଆନ୍ତି ବୋଲି କହିଥିଲେ । ଏହା ଶୁଣିବାପରେ ବିଶ୍ୱାମିତ୍ର ବଶିଷ୍ଠଙ୍କ ମହନୀୟତା ଅନୁଭବ କରିଥିଲେ, ତେଣୁ ତାଙ୍କ ଆଗରେ କିଛି କହିବାବେଳେ ବିଶ୍ୱାମିତ୍ରଙ୍କ ଆଖିରୁ ଲୁହ ଝରିଯାଉଥିଲା ।

COMPETITIVE BOOKS ଓଡ଼ିଶା Board and NCERT All Books With Solutions OBS

୩। ସରଳ ଭାଷାରେ ବୁଝାଇ ଲେଖିବା ।

(କ) ''ମୋ ଆଖିରେ ନୁହେଁ ଆତତାୟୀ
ଭଲ ପାଏ, ତାକୁ ଭଲ ପାଏ ।''

ଉ– ''*ମୋ ଆଖିରେ .................... ଭଲ ପାଏ ।*''

ଉକ୍ତ ପଦ୍ୟାଂଶଟି ଆମ ପଠିତ ସାହିତ୍ୟ ପୁସ୍ତକର '*ବଶିଷ୍ଠ ଓ ବିଶ୍ୱାମିତ୍ର*' କବିତାରୁ ଉଦ୍ଧାର କରାଯାଇଛି । ଏଠାରେ କବି ଅନନ୍ତ ପଟ୍ଟନାୟକ ପୁତ୍ରଶୋକାତୁରା ଜନନୀ ଅରୁନ୍ଧତୀଙ୍କ ପ୍ରଶ୍ନରେ ସ୍ୱାମୀ ବଶିଷ୍ଠଙ୍କ ମାନସିକ ପ୍ରତିକ୍ରିୟାର ସୂଚନା ଦେଇ ତାଙ୍କର ମହାନତାର ଗୁଣକୀର୍ତ୍ତନ କରିଛନ୍ତି ।

ଅରୁନ୍ଧତୀ ବଶିଷ୍ଠଙ୍କୁ ଘରେ ରନ୍ଧନ କାର୍ଯ୍ୟ ପାଇଁ ଲବଣ ନ ଥିବା କଥା ଜଣାଇଥିଲେ । ନିକଟସ୍ଥ ବିଶ୍ୱାମିତ୍ରଙ୍କ ଆଶ୍ରମରୁ ଲବଣ ଧାର ଆଣି କାମ ଚଳାଇନେବାକୁ ବଶିଷ୍ଠ ପତ୍ନୀଙ୍କୁ ଆଦେଶ ଦେଇଥିଲେ । ଏଥିରେ ପ୍ରତିବାଦ ଜଣାଇଥିଲା ଅରୁନ୍ଧତୀଙ୍କ ମାତୃହୃଦୟ; କାରଣ ଆତତାୟୀ ନିଷ୍ଠୁର ବିଶ୍ୱାମିତ୍ର ତାଙ୍କର ପୁତ୍ରମାନଙ୍କୁ ଗୋଟି ଗୋଟି କରି ହତ୍ୟା କରିଥିଲେ । ଜଣେ ପୁତ୍ର ବିରହବିଧୁରା ଜନନୀ ତା'ର ପୁତ୍ର-ଘାତକକୁ କେବେ ସହଜ ଦୃଷ୍ଟିରେ ଦେଖିପାରିବ ନାହିଁ । ସେପରି ଏକ ବ୍ୟକ୍ତିର ଆଶ୍ରମରୁ ଲୁଣ ଧାର ମାଗିବାକୁ ଯିବା ତାଙ୍କ ପକ୍ଷେ କେବେ ସମ୍ଭବପର ନୁହେଁ ।

ପ୍ରତ୍ୟୁତ୍ତରରେ ବଶିଷ୍ଠ ପତ୍ନୀଙ୍କୁ ଅବଗତ କରାଇଥିଲେ ଯେ ତାଙ୍କ ଆଦେଶ କେବେ ଭାଗ୍ୟର ଉପହାସ ନୁହେଁ; କାରଣ ବିଶ୍ୱାମିତ୍ର ତାଙ୍କର ପୁତ୍ରହନ୍ତା ବୋଲି ଜାଣି ସୁଦ୍ଧା ସେ ତାଙ୍କୁ ଆଦୌ ଘୃଣାଚକ୍ଷୁରେ ଦେଖନ୍ତି ନାହିଁ । ଏବେ ବି ସେ ଆନ୍ତରିକ ଭାବରେ ତାଙ୍କୁ ପୂର୍ବପରି ଭଲପାଉଛନ୍ତି । ବିଶ୍ୱାମିତ୍ରଙ୍କ ପରି ଅପରିଣାମଦର୍ଶୀ ପ୍ରତିଶୋଧପରାୟଣ ହେବାକୁ ବଶିଷ୍ଠ ଜମା ପସନ୍ଦ କରିନାହାନ୍ତି । ଏଠାରେ ଅପରାଧୀ-ନିରପରାଧ ସମସ୍ତଙ୍କୁ ଭଲପାଇବାର ସ୍ନେହ-କରୁଣା ବନ୍ଧନରେ ବାନ୍ଧି ରଖିବାକୁ କବି ଆହ୍ୱାନ ଜଣାଇଛନ୍ତି ।

(ଖ) ''ମହୀୟାନ୍ ଦେବତାରେ ଭଲା
ଜାଣିଥାନ୍ତି ମୁହିଁ କେଉଁପରି ।''

ଉ– ''*ମହୀୟାନ୍ .................... କେଉଁପରି ।*''

ଉକ୍ତ ପଦ୍ୟାଂଶଟି କବି ଅନନ୍ତ ପଟ୍ଟନାୟକଙ୍କ ଲେଖନୀ ନିଃସୃତ '*ବଶିଷ୍ଠ ଓ ବିଶ୍ୱାମିତ୍ର*' ଶୀର୍ଷକ କବିତାରୁ ଉଦ୍ଧୃତ । ଏଠାରେ ଋଷି-ପତ୍ନୀ ଅରୁନ୍ଧତୀ ସ୍ୱାମୀ ବଶିଷ୍ଠଙ୍କ ମହାନ୍ ହୃଦୟବତ୍ତାର ପରିଚୟ ପାଇଥିବା କଥା ବର୍ଣ୍ଣନା କରିଛନ୍ତି ।

ବିଶ୍ୱାମିତ୍ର ଥିଲେ କ୍ରୋଧ ଓ ପ୍ରତିହିଂସାର ଅବତାର । ମହର୍ଷି ବଶିଷ୍ଠ ଥିଲେ ସ୍ନେହ ଓ ସଦିଚ୍ଛାର ବାର୍ତ୍ତାବହ । ବିଶ୍ୱାମିତ୍ର ନିଜର ନିଷ୍ଠୁର ସ୍ୱଭାବର ପରିଚୟ ଦେଇ ବଶିଷ୍ଠଙ୍କ ପୁତ୍ରମାନଙ୍କୁ ଅତି ନିଷ୍ଠୁର ଭାବରେ ହତ୍ୟା କରିଥିଲେ; ତଥାପି କ୍ଷମାସ୍ନିଗ୍ଧ ଅନ୍ତରର ଭାବୋଚ୍ଛ୍ୱାସ ନେଇ ବଶିଷ୍ଠ ବିଶ୍ୱାମିତ୍ରଙ୍କୁ ଅତି ଭଲ ପାଉଥିଲେ ବୋଲି ପତ୍ନୀ ଅରୁନ୍ଧତୀଙ୍କ ନିକଟରେ ପ୍ରକାଶ କରିଥିଲେ । ସ୍ୱାମୀଙ୍କର ଏହି ଅଦ୍ଭୁତ ଅପୂର୍ବ ମନୋଭାବକୁ ପୁତ୍ରଶୋକାତୁରା ଜନନୀ ଅରୁନ୍ଧତୀ ବୁଝିନପାରି ଚକିତ ହୋଇଯାଇଥିଲେ । ଜଣେ ପୁତ୍ରହନ୍ତା ପ୍ରତି ପୁତ୍ରହରା ପିତାର ଏହି ଅନୁକମ୍ପା ଅରୁନ୍ଧତୀଙ୍କ ପାଇଁ ସମ୍ପୂର୍ଣ୍ଣ ଅସ୍ୱାଭାବିକ ଥିଲା ।

ଇତ୍ୟବସରରେ ବଶିଷ୍ଠଙ୍କୁ ହତ୍ୟା କରିବାକୁ ଆସିଥିବା ବିଶ୍ୱାମିତ୍ର ବଶିଷ୍ଠଙ୍କର ଅନାବିଳ ହୃଦୟର ମହାନତାର ପରିଚୟ ପାଇ ଅନୁତାପ କରିଥିଲେ ଓ ତାଙ୍କ ପାଦ ଧରି କ୍ଷମାଭିକ୍ଷା କରିଥିଲେ । ପ୍ରତିହିଂସାର ଅଶ୍ରୁବିନ୍ଦୁ ତାଙ୍କ ଆଖିରୁ ଲୁହ ହୋଇ ଝରିଯାଇଥିଲା । ବଶିଷ୍ଠ ତାଙ୍କୁ 'ମହର୍ଷି' ବୋଲି ସମ୍ବୋଧନ କରି ଆଲିଙ୍ଗନ କରିଥିଲେ । ଏଥର ପତିଦେବତାଙ୍କର ଦେବୋପମ ହୃଦୟର ପରିଚୟ ପାଇପାରିଥିଲେ ପତ୍ନୀ ଅରୁନ୍ଧତୀ । ତାଙ୍କ ନୟନରୁ ଆନନ୍ଦାଶ୍ରୁ ନିଗିଡ଼ି ପଡ଼ିଥିଲା । ଏଠାରେ ସମାଜରୁ ପାଶବ ପ୍ରବୃତ୍ତିକୁ ବିଲୋପ କରି ସ୍ନେହ ଓ ସଦ୍‌ଭାବନା ପ୍ରତିଷ୍ଠା କରିବାକୁ କବି ଆହ୍ୱାନ ଜଣାଇଛନ୍ତି ।

COMPETITIVE BOOKS (ଓଡ଼ିଶା Board and NCERT) All Books With Solutions OBS

(ଗ) ''କ୍ଷମାକରେ, କ୍ଷମାକର ମୋତେ
ନାଶ ମୋର ପାଶବ-ପ୍ରୟାସ'' ।

ଉ– ''କ୍ଷମାକରେ ......................... ପାଶବ-ପ୍ରୟାସ ।''

ଉକ୍ତ ପଦ୍ୟାଂଶଟି ପଠିତ ସାହିତ୍ୟ ବହିର 'ବଶିଷ୍ଠ ଓ ବିଶ୍ୱାମିତ୍ର' କବିତାରୁ ଉଦ୍ଧାର କରାଯାଇଛି । ଏଠାରେ କବି ଅନନ୍ତ ପଟ୍ଟନାୟକ ଅନୁତାପ ଅନଳରେ ଦଗ୍ଧିଭୂତ ହୋଇଥିବା ବିଶ୍ୱାମିତ୍ରଙ୍କ ମନୋଭାବକୁ ପରିପ୍ରକାଶ କରିଛନ୍ତି ।

ବଶିଷ୍ଠ ପତ୍ନୀ ଅରୁନ୍ଧତୀଙ୍କୁ ଜଣାଇଛନ୍ତି, ସେ କେବେବି ବିଶ୍ୱାମିତ୍ରଙ୍କୁ ହୀନ ଦୃଷ୍ଟିରେ ଦେଖି ନାହାନ୍ତି । ତାଙ୍କ ମନରେ ଏବେବି ବିଶ୍ୱାମିତ୍ରଙ୍କ ପ୍ରତି ରହିଛି ଅମାପ ଭଲ ପାଇବା । ଆତତାୟୀ ଭାବେ ଲୁଚି ରହିଥିବା ବିଶ୍ୱାମିତ୍ର, ବଶିଷ୍ଠଙ୍କ କଥା ଶୁଣିଛନ୍ତି । ତାଙ୍କ ମନରେ ଥିବା ହିଂସା ଓ ଅହଙ୍କାର ଭାବ ଦୂରେଇ ଯାଇଛି । ହଠାତ୍ ଝଡ଼ ବେଗରେ ଶାଳତରୁ ଭୂଲୁଣ୍ଠିତ ହେବାପରି ବଶିଷ୍ଠଙ୍କ ପଦଯୁଗଳରେ ବିଶ୍ୱାମିତ୍ର ଲୋଟି ପଡ଼ିଛନ୍ତି । ତାଙ୍କ ହସ୍ତରୁ ଖଡ୍ଗ ଭୂପତିତ ହୋଇଛି । ଏ ଦୃଶ୍ୟ ଦେଖି ହତଚକିତ ହୋଇ ଯାଇଛନ୍ତି ଅରୁନ୍ଧତୀ । ବିଶ୍ୱାମିତ୍ରଙ୍କ ନୟନ ଯୁଗଳ ଅନୁତାପର ଅଶ୍ରୁଜ୍ୱାଳାରେ ବଶିଷ୍ଠଙ୍କ ପଦଧୌତ କରିଛି । ବାଷ୍ପାୟିତ କଣ୍ଠରେ ସେ କ୍ଷମାପ୍ରାର୍ଥନା କରିଛନ୍ତି । ତାଙ୍କ ମନରେ ରହିଥିବା ପାଶବିକ ଭାବକୁ ଦୂରେଇ ଦେବାକୁ ସେ ଅନୁରୋଧ କରିଛନ୍ତି ।

ବାସ୍ତବରେ ବିଶ୍ୱାମିତ୍ରଙ୍କ ହୃଦୟରେ ପରିବର୍ତ୍ତନ ଆସିବାରୁ ସେ ଏପରି କହିଛନ୍ତି ।

**୪ । ଆସ, ୧୦୦ରୁ ୧୨୦ ଶବ୍ଦ ମଧ୍ୟରେ ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖିବା ।**

**(କ) ପଠିତ କବିତା ଆଧାରରେ ବଶିଷ୍ଠଙ୍କ ଚରିତ୍ରର ମହନୀୟତା ବର୍ଣ୍ଣନ କର ।**

ଉ– କବି ଅନନ୍ତ ପଟ୍ଟନାୟକ ଜଣେ ପ୍ରଗତିଶୀଳ କବି । ସେ ତାଙ୍କର କବିତାରେ ସମାଜବାଦୀ ଚିନ୍ତାଧାରାକୁ ପ୍ରକାଶ କରିଥିଲେ ବି ଅନେକ ସମୟରେ ମାନବବାଦୀ ଆବେଦନ ସୃଷ୍ଟି କରିଥା'ନ୍ତି । ତାଙ୍କର କବିତା ପୁସ୍ତକଗୁଡ଼ିକ ମଧ୍ୟରେ *'ରକ୍ତଶିଖା'*, *'ଶାନ୍ତିଶିଖା'*, *'ତର୍ପଣ କରେ ଆଜି'*, *'ଛାଇର ଛିଟା'*, *'ଅଲୋଡ଼ା ଲୋଡ଼ା'* ପ୍ରଧାନ । ଏହି କବିତା ସଙ୍କଳନଗୁଡ଼ିକରେ ସେ ଯେଉଁ କବିତା ସଂଯୋଜିତ କରିଛନ୍ତି, ସେଥିରେ ସେ ନିଜର ସମାଜସଚେତନ ଦୃଷ୍ଟିଭଙ୍ଗୀକୁ ପ୍ରକାଶ କରିଛନ୍ତି । ଆଲୋଚ୍ୟ କବିତାଟି ଏକ ପୌରାଣିକ ଆଖ୍ୟାୟିକ ଉପରେ ଆଧାରିତ । ଏଥିରେ କବି ହିଂସା, କ୍ରୋଧ, ଅସହିଷ୍ଣୁତା ଉପରେ ସଦ୍‌ଭାବ, ପ୍ରେମ ଓ କ୍ଷମାର ବିଜୟ ଘୋଷଣା କରିଛନ୍ତି । ପାରସ୍ପରିକ ବୁଝାମଣାଦ୍ୱାରା ଯେ ମାନବିକ ସଂପ୍ରୀତି ସୃଷ୍ଟି ହୋଇପାରେ, ତାହା କବି ବଶିଷ୍ଠ ଓ ବିଶ୍ୱାମିତ୍ର ଚରିତ୍ର ମାଧ୍ୟମରେ ପ୍ରକାଶ କରିଛନ୍ତି ।

ସାହିତ୍ୟରେ ଚରିତ୍ର ଚିତ୍ରଣ ଏକ ଅପୂର୍ବ କଳା । ଚରିତ୍ରମାନେ କବି ବା ସାହିତ୍ୟିକ ହୃଦୟର ଯଥାର୍ଥ ପ୍ରତିନିଧି । କବି ଯାହା ଚାହେଁ ତାହା ସିଧାସଳଖ ପ୍ରକାଶ ନକରି, ତାହା ତାଙ୍କ ଉପସ୍ଥାପିତ ଚରିତ୍ର ମାଧ୍ୟମରେ ପ୍ରକାଶ କରିଥା'ନ୍ତି । ଏଠାରେ କବି ବିଶିଷ୍ଠ ଚରିତ୍ର ମାଧ୍ୟମରେ ଦୃଢ଼ ମାନବିକ ଭାବର ପରିପ୍ରକାଶ କରିଛନ୍ତି । କବିତାରେ ବଶିଷ୍ଠଙ୍କୁ ଜଣେ ସହିଷ୍ଣୁ, କ୍ଷମାଶୀଳ, ଅକ୍ରୋଧୀ ଭାବରେ କବି ବର୍ଣ୍ଣନା କରିଛନ୍ତି ।

କବିତାର ଆରମ୍ଭରେ କବି ତାଙ୍କୁ ଜଣେ ସାଧାରଣ ସାଂସାରିକ ମଣିଷ ଭାବରେ ବର୍ଣ୍ଣନା କରିଛନ୍ତି । ବଶିଷ୍ଠ ସାଧାରଣ ସଂସାରୀ ଭାବରେ ଅଭାବ ଅସୁବିଧା, ଥିଲା ନଥିଲାର ସମସ୍ୟା ଦେଇ ଆଶ୍ରମିକ ଜୀବନଯାପନ କରିଛନ୍ତି । କୌଣସି ଏକ ବର୍ଷଣମୁଖର ସନ୍ଧ୍ୟାରେ ପତ୍ନୀ ଅରୁନ୍ଧତୀ ବଶିଷ୍ଠଙ୍କୁ ଜଣାଇଛନ୍ତି ଯେ ରୋଷେଇ ପାଇଁ ଲବଣ ନାହିଁ । ବଶିଷ୍ଠ ଏହି ସମସ୍ୟା ପାଇଁ ସାମାନ୍ୟ ବ୍ୟସ୍ତ ହୋଇନାହାଁନ୍ତି । ବରଂ ସହଜ ସମାଧାନର ସୂତ୍ର ବାହାର କରି ଋଷିପତ୍ନୀଙ୍କୁ ସେ ପାଖରେ ଥିବା ବିଶ୍ୱାମିତ୍ର ଆଶ୍ରମରୁ କିଛି ଲବଣ ମାଗି ଆଣିବାପାଇଁ କହିଛନ୍ତି ।

ପତ୍ନୀ ଅରୁନ୍ଧତୀ ସ୍ୱାମୀ ବଶିଷ୍ଠଙ୍କ କଥାକୁ ଠିକ୍ ରୂପେ ଗ୍ରହଣ କରି ନାହାଁନ୍ତି । ପୁତ୍ର ହତ୍ୟାକାରୀ ବିଶ୍ୱାମିତ୍ରଙ୍କ ଆଶ୍ରମକୁ ଯିବାକୁ ସେ ଅନିଚ୍ଛା ପ୍ରକାଶ କରିଛନ୍ତି । ବଶିଷ୍ଠ ଅରୁନ୍ଧତୀଙ୍କୁ ବୁଝାଇ କହିଛନ୍ତି ଯେ ସେ ଏବେ ମଧ୍ୟ ବିଶ୍ୱାମିତ୍ରଙ୍କ ପ୍ରତି ଶୁଭଦୃଷ୍ଟି ରଖିଛନ୍ତି । ବିଶ୍ୱାମିତ୍ରଙ୍କ ପ୍ରତି ତାଙ୍କ ଭଲପାଇବା ଏବେ ମଧ୍ୟ ପୂର୍ବ ପରି ରହିଛି । କ୍ଷମାଶୀଳ ବଶିଷ୍ଠ କହିଛନ୍ତି–

''ଭାଗ୍ୟର ଏ ନୁହେଁ ଉପହାସ
ତା'ର ଧର୍ମେ କଲ୍ୟାଣ ମୁଁ ଚାହେଁ,
ମୋ ଆଖିରେ ନୁହେଁ ଆତତାୟୀ
ଭଲ ପାଏ, ତାକୁ ଭଲ ପାଏ ।''

ଏଭଳି ବକ୍ତବ୍ୟରୁ ବଶିଷ୍ଠଙ୍କର ଉଦାର ମାନବିକ ଚିନ୍ତାଧାରାର ପରିପ୍ରକାଶ ହୋଇଥାଏ । ପୁତ୍ର ହତ୍ୟାକାରୀକୁ ସେ ସହଜ ସୁଲଭ ଗୁଣରେ ଗ୍ରହଣ କରିନେଇଛନ୍ତି । ପତ୍ନୀଙ୍କର ଅଭିମାନରେ ସେ କୌଣସି ପ୍ରକାରେ ପ୍ରଭାବିତ ହୋଇନାହାଁନ୍ତି । ବିଶ୍ୱାମିତ୍ରଙ୍କ ପାଶବିକ ବ୍ୟବହାର କୌଣସି ପ୍ରକାରେ ତାଙ୍କୁ ନିଜ ସ୍ଥିତିରୁ ବିଚ୍ୟୁତ କରିପାରି ନାହିଁ ।

ଅରୁନ୍ଧତୀ ବଶିଷ୍ଠଙ୍କ ନିକଟରେ ଅଭିଯୋଗ କରିବା ଶୈଳୀରେ କହିଛନ୍ତି, *'ପ୍ରକୃତରେ ତୁମେ ଯଦି ବିଶ୍ୱାମିତ୍ରଙ୍କୁ ଭଲ ପାଅ, ତାହାଙ୍କୁ ମହର୍ଷି ବୋଲି କାହିଁକି ଡାକିଲ ନାହିଁ।'* ନିଜ ପତ୍ନୀ ଅରୁନ୍ଧତୀଙ୍କୁ ବୁଝାଇବାକୁ ଯାଇ ବଶିଷ୍ଠ କହିଛନ୍ତି, *'ଯେହେତୁ ମୁଁ ବିଶ୍ୱାମିତ୍ରର ପ୍ରକୃତ ଉନ୍ନତି ଚାହେଁ ଓ ତାହାକୁ ପ୍ରାଣର ସହ ଭଲପାଏ, ସେଥିପାଇଁ ତାହାକୁ ମହର୍ଷି ବୋଲି ଡାକିପାରି ନାହିଁ।'*

ବଶିଷ୍ଠ ଧୈର୍ଯ୍ୟର ସହିତ ବିଶ୍ୱାମିତ୍ରଙ୍କର ହୃଦୟ ପରିବର୍ତ୍ତନକୁ ଅପେକ୍ଷା କରି ରହିଥିଲେ । ବିଶ୍ୱାମିତ୍ରଙ୍କ ହୃଦୟରେ ଥିବା ଅହଂଭାବ ଓ ଆତତାୟୀ ମନୋଭାବକୁ ସେ ବଦଳାଇ ଦେବାକୁ ଚାହିଁଥିଲେ । ବିଶ୍ୱାମିତ୍ର ତାଙ୍କର ଯେତେ କ୍ଷତି କଲେ ମଧ୍ୟ ସେ କୌଣସି ପ୍ରକାରେ କ୍ରୋଧ ପ୍ରକାଶ କରିନଥିଲେ । ବରଂ ଅକ୍ରୋଧୀ ଭାବରେ ସେ ବିଶ୍ୱାମିତ୍ରଙ୍କ ପ୍ରତି ଶୁଭ ଭାବନା ରଖିଥିଲେ । ବଶିଷ୍ଠଙ୍କର ଏହି ଭାବ ବିଶ୍ୱାମିତ୍ରଙ୍କ ହୃଦୟରେ ଆଣିଥିଲା ପରିବର୍ତ୍ତନ । ବଶିଷ୍ଠଙ୍କ ହୃଦୟର ଗଭୀରତାକୁ ବିଶ୍ୱାମିତ୍ର ବୁଝିପାରିଥିଲେ । ସେ ଆତତାୟୀ ଭାବରେ ଆସିଥିଲେ ବି ଜଣେ ଅସହାୟ ମଣିଷ ଭାବରେ ବଶିଷ୍ଠଙ୍କ ନିକଟରେ କ୍ଷମାପ୍ରାର୍ଥନା କରିଥିଲେ । ବିଶ୍ୱାମିତ୍ରଙ୍କର ହୃଦୟ ପରିବର୍ତ୍ତନରେ ବଶିଷ୍ଠ ବିମୋହିତ ହୋଇଥିଲେ । ସେ ଆନନ୍ଦ ମନରେ କ୍ଷମାପ୍ରାର୍ଥନା କରୁଥିବା ବିଶ୍ୱାମିତ୍ରଙ୍କୁ କୋଳେଇ ନେଇଥିଲେ । ତାଙ୍କୁ 'ମହର୍ଷି' ଭାବରେ ସମ୍ବୋଧନ କରିଥିଲେ । କବିଙ୍କ ଭାଷାରେ–

''ବିଶ୍ୱାମିତ୍ରେ ତୋଳି ଭୂମିତଳୁ
ସତେ ଅବା ଅମୃତ ବରଷି,
ସ୍ନେହଭରେ କହିଲେ ବଶିଷ୍ଠ,
'ଉଠ ଏବେ ଉଠ ହେ ମହର୍ଷି'।''

ବାସ୍ତବରେ ବଶିଷ୍ଠଙ୍କର ଧୈର୍ଯ୍ୟ, ଉଦାର ମାନବିକ ଭାବ ଓ କ୍ଷମାଶୀଳତାକୁ କବି ସୁନ୍ଦର ଭାବରେ ପ୍ରକାଶ କରି ତାଙ୍କ ଚରିତ୍ରର ମହତ୍ତ୍ୱ ପ୍ରତିପାଦନ କରିଛନ୍ତି ।

**(ଖ) ବିଶ୍ୱାମିତ୍ରଙ୍କୁ 'ମହର୍ଷି' ସମ୍ବୋଧନ କରିବାପାଇଁ ବଶିଷ୍ଠ ଏତେ ବିଳମ୍ବ କଲେ କାହିଁକି ?**

**ଉ–** ଶୌର୍ଯ୍ୟ ଓ ଗାମ୍ଭୀର୍ଯ୍ୟର ଗାଥା ଗାଇ ସାମାଜିକ ଅସଙ୍ଗତି ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ ଓଡ଼ିଆ ପ୍ରଗତିଶୀଳ ସାହିତ୍ୟର ସୈନିକକବି ଅନନ୍ତ ପଟ୍ଟନାୟକ । ତାଙ୍କ ଶାଣିତ ଲେଖନୀର ମୁଖ୍ୟ ସ୍ୱର ଥିଲା ମାନବବାଦର ଜୟଗାନ କରିବା । ନୂତନ ଛନ୍ଦ, ଚେତନଶୀଳ ଦୃଷ୍ଟିଭଙ୍ଗୀ ଓ ମଧୁର ଭାଷା-ଶୈଳୀ ନେଇ କବି ରଚନା କରିଛନ୍ତି *'ଶାନ୍ତିଶିଖା'*, *'ତର୍ପଣ କରେ ଆଜି'*, *'ଅଲୋଡ଼ା ଲୋଡ଼ା'*, *'ଛାଇର ଛିଟା'*, *'କିଞ୍ଚିତ୍'*, *'ଅବାନ୍ତର'* ଇତ୍ୟାଦି ବହୁଜନପ୍ରିୟ କବିତା ସଞ୍ଚୟନ । ଆଲୋଚ୍ୟ କବିତା *'ବଶିଷ୍ଠ ଓ ବିଶ୍ୱାମିତ୍ର'* ମାନବତାର ମାନ୍ୟତା ନେଇ ଏକ ପୌରାଣିକ ଆଖ୍ୟାୟିକା ଉପରେ ଆଧାରିତ । ତପସିଦ୍ଧ ହୋଇ ପ୍ରଚଣ୍ଡ ମନ୍ତ୍ରଶକ୍ତିର ଅଧିକାରୀ ହେଲେ ବି ଜଣେ ଅହଂକାରୀ, କ୍ରୋଧୀ ଓ ହିଂସ୍ର ପାଶବ ସ୍ୱଭାବର ଉଗ୍ରତପା ବ୍ୟକ୍ତି କେବେହେଲେ 'ମହର୍ଷି' ପଦବାଚ୍ୟ ନୁହେଁ ବୋଲି କବି ଏଠାରେ ଉଲ୍ଲେଖ କରିଛନ୍ତି ।

COMPETITIVE BOOKS ଓଡ଼ିଶା Board and NCERT Books With Solutions OBS

ଏକ କ୍ଷମାସ୍ନିଗ୍ଧ ହୃଦୟରୁ ମହତ୍ତ୍ୱର ସୁଗନ୍ଧି ବିଚ୍ଛୁରିତ ହୋଇଥାଏ । ଜଣେ ଶ୍ରେଷ୍ଠ ସାଧକ ହୋଇପାରେ; କିନ୍ତୁ ଲୋକପ୍ରୀତିପ୍ରଣୋଦିତ କିଛି ତ୍ୟାଗ ନ ଥିଲେ, ସଂପ୍ରୀତି ଓ ପାରସ୍ପରିକ ବୁଝାମଣା ନ ଥିଲେ ସେହି ବ୍ୟକ୍ତି କେବେ ମହାନ୍ ହୃଦୟବତ୍ତାର ଅଧିକାରୀ ହୋଇପାରିବ ନାହିଁ । ହିଂସା, କ୍ରୋଧ, ଅସହିଷ୍ଣୁତା ଉପରେ ସଦ୍‌ଭାବ, ପ୍ରେମ ଓ କ୍ଷମାର ବିଜୟ ଘୋଷଣା କରିପାରିଥିବା ବ୍ୟକ୍ତି ପ୍ରକୃତରେ ସ୍ମରଣୀୟ ଓ ବରଣୀୟ । ଉପରୋକ୍ତ ଦୁଇଟି ଭିନ୍ନ ସ୍ୱଭାବର ବ୍ୟକ୍ତି ଥିଲେ ବିଶ୍ୱାମିତ୍ର ଓ ବଶିଷ୍ଠ ।

ଉଗ୍ରତପା ବିଶ୍ୱାମିତ୍ର ପ୍ରଚଣ୍ଡ ମନ୍ତ୍ରଶକ୍ତିର ଅଧିକାରୀ ହୋଇଥିଲେ । ତପସିଦ୍ଧି ପରେ ସେ ନିଜକୁ 'ମହର୍ଷି' ରୂପରେ ବିବେଚନା କରିଥିଲେ । ମହର୍ଷି ବଶିଷ୍ଠଙ୍କଦ୍ୱାରା ସେ 'ମହର୍ଷି' ବୋଲି ସମ୍ବୋଧିତ ହେବାକୁ କାମନା କରିଥିଲେ । ତାଙ୍କ ତପ-ବଳରେ ପ୍ରୀତ ହୋଇ ବଶିଷ୍ଠ ତାଙ୍କୁ 'ବିଶ୍ୱସ୍ୟ ମିତ୍ର' ଓ 'ରାଜର୍ଷି' ବୋଲି ସମ୍ବୋଧନ କରିଥିଲେ; କିନ୍ତୁ 'ମହର୍ଷି' କହି ନଥିଲେ । ଏଥିରେ କ୍ଷୁବ୍ଧ ହୋଇଥିଲେ ବିଶ୍ୱାମିତ୍ର । ନିଜର ପାଶବ-ପ୍ରବୃତ୍ତି ନେଇ କ୍ରୋଧାନ୍ଧ ବିଶ୍ୱାମିତ୍ର ବଶିଷ୍ଠ ଓ ଅରୁନ୍ଧତୀଙ୍କ ପୁତ୍ରମାନଙ୍କୁ ଗୋଟି ଗୋଟି କରି ଆତତାୟୀରୂପେ ହତ୍ୟା କରିଥିଲେ । ସ୍ଥିତପ୍ରଜ୍ଞ ବଶିଷ୍ଠ ଏଥିରେ କିନ୍ତୁ ଅବିଚଳିତ ରହିଥିଲେ; ମାତ୍ର ଶୋକାକୁଳିତ ହୋଇ ପଡ଼ିଥିଲେ ପୁତ୍ରବିରହବିଧୁରା ଜନନୀ ଅରୁନ୍ଧତୀ । ଦିନେ ବଶିଷ୍ଠ ଅରୁନ୍ଧତୀଙ୍କୁ ବିଶ୍ୱାମିତ୍ରଙ୍କ ଆଶ୍ରମରୁ ଲବଣ ଧାର ଆଣିବାପାଇଁ କହିବାରୁ ନିଜର ପୁତ୍ରହନ୍ତାଙ୍କ ଘରକୁ ଯିବାପାଇଁ ସେ ଅନିଚ୍ଛା ପ୍ରକାଶ କରିଥିଲେ । ପ୍ରତ୍ୟୁତ୍ତରରେ ବଶିଷ୍ଠ ବିଶ୍ୱାମିତ୍ରଙ୍କୁ ପୂର୍ବବତ୍ ଭଲ ପାଉଛନ୍ତି ବୋଲି କହିଥିଲେ । କବିଙ୍କ ଭାଷାରେ –

*''ମହର୍ଷି ମୁଁ ଡାକି ନାହିଁ ତାକୁ*
*ପ୍ରାଣେ ପ୍ରାଣେ ଭଲ ପାଏ ବୋଲି ।''*

ପ୍ରଥମ ରୁ ଦ୍ୱାଦଶ COMPETITIVE BOOKS NCERT OBS

ବଶିଷ୍ଠଙ୍କୁ ହତ୍ୟା କରିବାକୁ ଯାଇଥିବା ବିଶ୍ୱାମିତ୍ର ବଶିଷ୍ଠ ଓ ଅରୁନ୍ଧତୀଙ୍କ କଥୋପକଥନରୁ କ୍ଷମାଶୀଳ ବଶିଷ୍ଠଙ୍କ ମହାନ୍ ହୃଦୟବତ୍ତାର ପରିଚୟ ପାଇପାରିଛନ୍ତି । ଅନୁତାପାନଳରେ ତାଙ୍କର କ୍ରୋଧଜର୍ଜରିତ ହୃଦୟ ଶୁଦ୍ଧ ସୁବର୍ଣ୍ଣପରି ପବିତ୍ର-ଉଜ୍ଜ୍ୱଳ ହୋଇଯାଇଛି । ତାଙ୍କ ହାତରେ ଥିବା ଶାଣିତ କରବାଳ ଭୂଲୁଣ୍ଠିତ ହୋଇଛି । ସେ ସ୍ତମ୍ଭୀଭୂତ ହୋଇଯାଇଛନ୍ତି । ତାଙ୍କ ମନରେ ଭାବାନ୍ତର ସୃଷ୍ଟି ହୋଇଛି । ହିଂସ୍ରତା, କ୍ରୂରତା, କ୍ରୋଧ, ପ୍ରତିହିଂସା ପ୍ରଭୃତି ପାଶବ ପ୍ରବୃତ୍ତି ମନ-ଅଙ୍ଗନରୁ ଅପସରି ଯାଇଛି । ବଶିଷ୍ଠଙ୍କ ପାଦଧରି ସେ କ୍ଷମା ମାଗିଛନ୍ତି । ବିଶ୍ୱାମିତ୍ରଙ୍କୁ ଆଲିଙ୍ଗନାବଦ୍ଧ କରିଛନ୍ତି ବଶିଷ୍ଠ । ସ୍ନେହରେ, ମଧୁରବିନୟ ସ୍ୱରରେ ସେ ବିଶ୍ୱାମିତ୍ରଙ୍କୁ 'ମହର୍ଷି' ବୋଲି ସମ୍ବୋଧନ କରିଛନ୍ତି । କବିଙ୍କ ଭାଷାରେ –

*''ବିଶ୍ୱାମିତ୍ରେ ତୋଳି ଭୂମିତଳୁ*
*ସତେ ଅବା ଅମୃତ ବରଷି,*
*ସ୍ନେହଭରେ କହିଲେ ବଶିଷ୍ଠ*
*'ଉଠ ଏବେ ଉଠ ହେ ମହର୍ଷି' ।''*

ସୁତରାଂ, ବର୍ତ୍ତମାନ ବିଶ୍ୱାମିତ୍ର ଅହଂକାର, ପ୍ରତିହିଂସା ଓ କ୍ରୋଧାଦି ପଶୁ ପ୍ରବୃତ୍ତିରୁ ନିଷ୍କୃତି ଲାଭ କରି ନିଜ ହୃଦୟକୁ ଅନାବିଳ କରିପାରିଥିବାରୁ ସେ 'ମହର୍ଷି' ପଦବାଚ୍ୟ ହୋଇଗଲେ । ପୂର୍ବରୁ ସେ ମହର୍ଷିର ନିଜସ୍ୱ ଗୁଣରେ ବିଭୂଷିତ ହୋଇ ନ ଥିବାରୁ ବିଶ୍ୱାମିତ୍ରଙ୍କୁ 'ମହର୍ଷି' ସମ୍ବୋଧନ କରିବାପାଇଁ ବଶିଷ୍ଠ ବିଳମ୍ବ କରିଥିଲେ ।

**୫ । ଅସଂପୃକ୍ତ ଶବ୍ଦଟିକୁ ବାଛି ପାଖ କୋଠରିରେ ରଖିବା ।**

(କ) ମାଧବ, କେଶବ, ବାସବ, ପାଶବ

(ଖ) ଉତ୍ତରିଲେ, ସଞ୍ଚରିଲେ, ପଚାରିଲେ, ଉଚ୍ଚାରିଲେ

(ଘ) ମହାମତି, ମହାଭୀତ, ମହାସତୀ, ମହାଯତି

**ଉ– (କ) ପାଶବ, (ଖ) ସଞ୍ଚରିଲେ, (ଗ) ମହାଭୀତ**

୬ । ନିମ୍ନଲିଖିତ ଦିଆଯାଇଥିବା ଅସଜଡ଼ା ଶବ୍ଦଗୁଡ଼ିକୁ ଠିକ୍ ଭାବରେ ଲେଖିବା ।

(କ) ଦେବତାରେ ଭଲା ମହୀୟାନ୍ କେଉଁପରି ମୁହିଁ ଜାଣିଥାନ୍ତି

(ଖ) ବିଶ୍ୱାମିତ୍ର ଯାଇ ପାଶେ କିଞ୍ଚିତ୍ ଲବଣ ମାଗିଆଣ ଘରେ

(ଗ) କରବାଳ କରେ ଏ ଶାଣିତ ଜାଣି ମୁଁ ଆଜି ଆସିଥିଲି ଯେ

ଉ– (କ) ମହୀୟାନ୍ ଦେବତାରେ ଭଲା ଜାଣିଥାନ୍ତି ମୁହିଁ କେଉଁପରି ।

(ଖ) ମାଗିଆଣ କିଞ୍ଚିତ୍ ଲବଣ ପାଶେ ଯାଇ ବିଶ୍ୱାମିତ୍ର ଘରେ ।

(ଗ) ଶାଣିତ ଏ କରବାଳ କରେ ଜାଣି ମୁଁ ଯେ ଆସିଥିଲି ଆଜି ।

୭ । ଯେପରି ଉତ୍ + ତରଳ = ଉତ୍ତରଳ ହୁଏ, ସେପରି 'ଉତ୍' ପୂର୍ବରେ ବ୍ୟବହାର କରି ଆଉ ଦୁଇଟି ଶବ୍ଦ ଲେଖ ।

ଉ– ଉତ୍ + ତପ୍ତ = ଉତ୍ତପ୍ତ, ଉତ୍ + ଲାସ = ଉଲ୍ଲାସ ।

୮ । 'ଅରୁନ୍ଧତୀ ନେତ୍ରୁ ଅଜାଣତେ ଶ୍ରାବଣର ବର୍ଷା ଗଲା ଝରି' - ଏହି ପଂକ୍ତିରେ ଶ୍ରାବଣର ବର୍ଷା କେଉଁ ଭାବକୁ ସୂଚାଉଛି, ତାହା ନିମ୍ନରୁ ବାଛି ଲେଖିବା ।

(କ) ଅରୁନ୍ଧତୀଙ୍କ ଆନନ୍ଦ (ଖ) ଅରୁନ୍ଧତୀଙ୍କ ଦୁଃଖ

(ଗ) ଅରୁନ୍ଧତୀଙ୍କ ଅନୁତାପ (ଘ) ଶ୍ରାବଣ ମାସର ବର୍ଷା

ଉ– (କ) ଅରୁନ୍ଧତୀଙ୍କ ଆନନ୍ଦ

୯ । ଆସ, ନିମ୍ନରେ ଦିଆଯାଇଥିବା ପଦଗୁଡିକୁ ଗଦ୍ୟରେ ଲେଖିବା ।

(କ) ନିର୍ଝରର ରୁଦ୍ଧ ଘୋଷ ସମ ଜଣାଇଲେ ଆବେଗ ଉଚ୍ଛ୍ୱାସ ।

(ଖ) ଅଦ୍ଭୁତ ଏ ଆଦେଶ ମହର୍ଷି, ଭାଗ୍ୟର ଏକ ଉପହାସ ପରି ।

(ଗ) ବାତ୍ୟା ନିକି ଶାଳବୃକ୍ଷ କାହୁଁ ପଦପ୍ରାନ୍ତେ ପିଟିଦେଲା ଆଣି ।

(ଘ) ନୁହଁ ତ ଏ ଋତୁ ପରିହାସ ଝିଙ୍ଗାସି ତ କହୁ ନାହିଁ ଛଳି ?

ଉ– (କ) ରୁଦ୍ଧ ନିର୍ଝରର ଘୋଷପରି ଆବେଗ ଉଚ୍ଛ୍ୱାସ ଜଣାଇଲେ ।

(ଖ) ମହର୍ଷିଙ୍କର ଅଦ୍ଭୁତ ଆଦେଶ ଭାଗ୍ୟର ଉପହାସ ଭଳି ଥିଲା ।

(ଗ) ବାତ୍ୟାରେ ଶାଳତରୁ ପିଟି ହୋଇ ପଡ଼ିଗଲା ପରି, ସେ ପାଦ ପାଖରେ ପଡ଼ିଗଲେ ।

(ଘ) ସତରେ ପରିହାସ ଓ ଛଳନା କରି ଏଭଳି ଝିଙ୍ଗାସି କହୁ ନାହଁ ତ ?

୧୦ । 'ପାଶବ - ପ୍ରୟାସ' କହିଲେ କେଉଁ ଅର୍ଥକୁ ବୁଝାଏ, ତାହା ତଳେ ଥିବା ଉତ୍ତରରୁ ବାଛି ଲେଖିବା ।

(କ) ଜୀବନରୁ ମାରିଦେବା (ଖ) ଖଣ୍ଡାରେ ହାଣିବା

(ଗ) ହତ୍ୟା କରିବା (ଘ) ପଶୁତୁଲ୍ୟ ଚେଷ୍ଟା

ଉ– (ଘ) ପଶୁତୁଲ୍ୟ ଚେଷ୍ଟା

୧୧ । 'କ' ସ୍ତମ୍ଭ ସହ 'ଖ' ସ୍ତମ୍ଭର କେଉଁ ଶବ୍ଦର ଉପଯୁକ୍ତ ସମ୍ପର୍କ ରହିଛି ଯୋଡ଼ି ଲେଖ ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ମଧୁମୟ | ଅଧର |
| ତିମିରିତ | ଜନନୀ |
| ସ୍ଫୁରିତ | ପ୍ରୟାସ |
| ଶୋକାତୁରା | ଲବଣ |
| ଉତ୍ତରଳ | ଅଶ୍ରୁ |
| ପାଶବ | ଘର |
| | ସ୍ୱର |

ପ୍ରଥମ ରୁ ଦ୍ୱାଦଶ COMPETITIVE BOOKS Odisha Board and NCERT All Books With Solutions CBS

| ଉ– | 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|---|
| | ମଧୁମୟ | ସୁର |
| | ତିମିରିତ | ଘର |
| | ସ୍ଫୁରିତ | ଅଧର |
| | ଶୋକାତୁରା | ଜନନୀ |
| | ଉତ୍ତରଳ | ଅଶ୍ରୁ |
| | ପାଶବ | ପ୍ରୟାସ |

୧୨ । **କ୍ଷମାର ମହତ୍ତ୍ୱ ସମ୍ପର୍କରେ ବର୍ଣ୍ଣନା କରି ଗୋଟିଏ ଛୋଟ ଅନୁଚ୍ଛେଦ ଲେଖିବା ।**

ଉ– **କ୍ଷମାର ମହତ୍ତ୍ୱ :** କ୍ଷମାର ମହତ୍ତ୍ୱ ସ୍ୱର୍ଗୀୟ । ଏହି ଅନୁଚିନ୍ତା ଅସାଧାରଣ । କ୍ଷମାଦ୍ୱାରା ମଣିଷ ମନରେ ପରିବର୍ତ୍ତନ ଆସେ । କ୍ଷମା ପାଇଥିବା ବ୍ୟକ୍ତି ମନରେ ପ୍ରତିହିଂସା ସୃଷ୍ଟି ହୁଏ ନାହିଁ । ବରଂ ନିଜର ଭୁଲ ପାଇଁ ସେ ଅନୁତପ୍ତ ହୁଏ। କ୍ଷମା କରି ଦେଇଥିବା ବ୍ୟକ୍ତି ପ୍ରତି ସେ ଆନୁଗତ୍ୟ ପ୍ରକାଶ କରେ । ଦଣ୍ଡଦେଲେ ମଣିଷ ମନ ବଦଳିଯାଏ ନାହିଁ । ମାତ୍ର କ୍ଷମା କଲେ ମଣିଷ ମନରେ ସୁହୃଦ ଭାବ ସୃଷ୍ଟି ହୁଏ । ଆମେ ସମସ୍ତେ ଜାଣିଛେ, ମଣିଷ କେବେ ଜାଣିଶୁଣି ଭୁଲ କରେ ନାହିଁ । ଭୁଲ ପାଇଁ ଅନେକ ସମୟରେ ଅଶିକ୍ଷା, ପରିବେଶ ଓ ପରିସ୍ଥିତି ଦାୟୀ ହୋଇଥାଏ । ସୁତରାଂ, ଦୋଷୀକୁ ଦଣ୍ଡ ନଦେଇ, କ୍ଷମା କରିଦେଲେ ଦୋଷ କରିଥିବା ବ୍ୟକ୍ତିଠାରେ ଦେବଭାବ ସୃଷ୍ଟି ହୋଇଥାଏ ।

COMPETITIVE BOOKS
ଓଡ଼ିଶା Board and NCERT
All Books With Solutions
OBS

୧୩ । **ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକର ଅର୍ଥକୁ ପାଖ କୋଠରିରୁ ଖୋଜି ସେହି ଶବ୍ଦ ପାଖରେ ଲେଖିବା ।**

| | |
|---|---|
| ଆବେଗେ | ଝିଙ୍ଗାସି |
| ରତ | ଉତ୍ତରଳ |
| କୃପାଣ | ଚତ୍ୱର |

| | |
|---|---|
| ଖଡ୍ଗ | ଅତିଚଞ୍ଚଳ |
| ଭର୍ତ୍ସନାକରି | |
| ହୃଦୟର ଏକ ଭାବ | ସତ୍ୟ |
| ପଶୁତୁଲ୍ୟ | |
| ଚେଷ୍ଟା | ଅଗଣା |

ଉ– ଆବେଗେ - ହୃଦୟର ଏକ ଭାବ — ଉତ୍ତରଳ - ଅତି ଚଞ୍ଚଳ
ରତ - ସତ୍ୟ — ଚତ୍ୱର - ଅଗଣା
କୃପାଣ - ଖଡ୍ଗ — ଝିଙ୍ଗାସି - ଭର୍ତ୍ସନା କରି

୧୪ । **ଠିକ୍ ଉକ୍ତି ପାଖରେ '✓' ଚିହ୍ନ ଓ ଭୁଲ୍ ଉକ୍ତି ପାଖରେ '✗' ଚିହ୍ନ ଦେବା ।**

(କ) ଅନ୍ଧାର ଯୋଗୁଁ ଅରୁନ୍ଧତୀଙ୍କୁ ରନ୍ଧନ କରିବାରେ ଅସୁବିଧା ହେଉଥିଲା । ☐
(ଖ) ବଶିଷ୍ଠଙ୍କ ମହାନତା ଦେଖି ବିଶ୍ୱାମିତ୍ର ଅନୁତାପ କରିଥିଲେ । ☐
(ଗ) ବିଶ୍ୱାମିତ୍ରଙ୍କ ଆଶ୍ରମକୁ ଯିବାଲାଗି ଅରୁନ୍ଧତୀଙ୍କ ଇଚ୍ଛା ନଥିଲା । ☐
(ଘ) ବଶିଷ୍ଠଙ୍କ ଆଶ୍ରମରେ ବିଶ୍ୱାମିତ୍ର ନିଆଁ ଲଗାଇ ଦେଇଥିଲେ । ☐

ଉ– (କ) ଅନ୍ଧାର ଯୋଗୁଁ ଅରୁନ୍ଧତୀଙ୍କୁ ରନ୍ଧନ କରିବାରେ ଅସୁବିଧା ହେଉଥିଲା । ✗
(ଖ) ବଶିଷ୍ଠଙ୍କ ମହାନତା ଦେଖି ବିଶ୍ୱାମିତ୍ର ଅନୁତାପ କରିଥିଲେ । ✓
(ଗ) ବିଶ୍ୱାମିତ୍ରଙ୍କ ଆଶ୍ରମକୁ ଯିବାଲାଗି ଅରୁନ୍ଧତୀଙ୍କ ଇଚ୍ଛା ନଥିଲା । ✓
(ଘ) ବଶିଷ୍ଠଙ୍କ ଆଶ୍ରମରେ ବିଶ୍ୱାମିତ୍ର ନିଆଁ ଲଗାଇ ଦେଇଥିଲେ । ✗

୧୫ । ନିମ୍ନଲିଖିତ କବିତାଂଶଟିକୁ ମନେ ପକାଇ ପୂରଣ କରିବା ଓ ତାକୁ ଆବୃତ୍ତି କରିବା ।

(କ) ଜୀବନ ଏ ରକ୍ତେ ଅରୁଣିତ

_____________ ॥

(ଖ) _____________

ରଷିପତ୍ନୀ ସତୀ ଅରୁନ୍ଧତୀ ॥

(ଗ) ଗୋଟି ଗୋଟି ପୁତ୍ରଗଣ

_____________

ପ୍ରଥମ ରୁ ଦ୍ୱାଦଶ
COMPETITIVE BOOKS
ଓଡ଼ିଶା Board and NCERT
All Books With Solutions
OBS

ଉ– (କ) ଜୀବନ ଏ ରକ୍ତେ ଅରୁଣିତ

ନୋହିଥାନ୍ତା ଆର୍ତ୍ତ ହାହାକାରେ ॥

(ଖ) ମୃଦୁ ଭାଷେ ସୁଚାଇଲେ ଆସି

ରଷିପତ୍ନୀ ସତୀ ଅରୁନ୍ଧତୀ ॥

(ଗ) ଗୋଟି ଗୋଟି ପୁତ୍ରଗଣ

ହତ୍ୟାକଲା ଯେଉଁ ଆତତାୟୀ ।